## ଅର୍ଦ୍ଧବାର୍ଷିକ : ପ୍ରକଳ୍ପ କାର୍ଯ୍ୟର ମୂଲ୍ୟାୟନ

**ମୋ ପ୍ରକଳ୍ପ ଖାତା ଓ ଉପସ୍ଥାପନା** – ପ୍ରତ୍ୟେକ ଛାତ୍ର ପ୍ରକଳ୍ପ ଖାତା ରଖିବା ଆବଶ୍ୟକ ଯେଉଁଠାରେ ସେମାନେ ନିୟମିତ ଭାବରେ ସେମାନେ କ'ଣ ଶିଖୁଛନ୍ତି, କଣ କରୁଛନ୍ତି, ସେମାନଙ୍କର ଧାରଣା ଏବଂ ତଥ୍ୟ ବିଷୟରେ ଲେଖିବେ । ପ୍ରକଳ୍ପ ଖାତା ରେ ବିଭିନ୍ନ ଉପାୟରେ ଧାରଣା ଗୁଡିକୁ ଦର୍ଶାଇ ପାରିବେ ଯଥା-ଚିତ୍ର, ଟେବୁଲ, ଚାର୍ଟ ଇତ୍ୟାଦି । ଫଳରେ ଛାତ୍ରଛାତ୍ରୀମାନେ କିପରି ପ୍ରକଳ୍ପ କାର୍ଯ୍ୟ ରେକର୍ଡ କରୁଛନ୍ତି ତାହା ଶିକ୍ଷକ ଦେଖିବେ। ଦଳର ପ୍ରତ୍ୟେକ ସଦସ୍ୟ ଉପସ୍ଥାପନାରେ ଅଂଶଗ୍ରହଣ କରିବା ଆବଶ୍ୟକ । ମୂଲ୍ୟାୟନ ପାଇଁ , ଶିକ୍ଷକ ନିମ୍ନଲିଖିତ ତଥ୍ୟ ଗୁଡିକୁ ସାମଗ୍ରିକ ଭାବେ ଯାଞ୍ଚ କରିବେ:

| କ୍ରନଂ | ସୋପାନ | କ'ଣ ଦେଖିବେ | ମାର୍କ | |
|---|---|---|---|---|
| | | | ମୋ ପ୍ରକଳ୍ପ ଖାତା | ଉପସ୍ଥାପନା |
| ୧ | ଉପକ୍ରମ | ଛାତ୍ର/ଛାତ୍ରୀ ଜଣକ ବାଛିଥିବା ପ୍ରକଳ୍ପ ବିଷୟ ବାବଦରେ ସଂକ୍ଷିପ୍ତ ଭାବରେ ଲେଖିଛନ୍ତି କି ? | ୧୦ ମାର୍କ | ୧୦ ମାର୍କ |
| ୨ | ଅଧ୍ୟୟନର ଉଦ୍ଦେଶ୍ୟ | ଛାତ୍ର/ଛାତ୍ରୀ ମାନେ ଚୟନ କରିଥିବା ପ୍ରକଳ୍ପ ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ କ'ଣ ? | | |
| ୩ | ହାଇପୋଥିସିସ୍ | ଛାତ୍ର/ଛାତ୍ରୀ କଣ ଚିନ୍ତା କରି ଏହି ପ୍ରକଳ୍ପ କୁ ବାଛିଲେ ? | ୧୦ ମାର୍କ | ୧୦ ମାର୍କ |
| ୪ | ପ୍ରାସଙ୍ଗିକତା | ସେମାନେ କ'ଣ ଧାରଣା/ସମାଧାନ ବିଷୟରେ ଚିନ୍ତା କରିଛନ୍ତି ? ଏହି କାର୍ଯ୍ୟକଳାପ କାହିଁକି ଗୁରୁତ୍ୱପୂର୍ଣ୍ଣ ? ପୋଷ୍ଟର, ରୋଲପ୍ଲେ, ମଡେଲ ଇତ୍ୟାଦି ମାଧ୍ୟମରେ ନିଜର ଧାରଣା ଉପସ୍ଥାପନ କରିବା ବିଷୟରେ ସେମାନେ କିପରି ଚିନ୍ତା କରିଛନ୍ତି ଏବଂ ଏହା କାହିଁକି ସର୍ବୋତ୍ତମ ଉପାୟ ? | | |
| ୫ | ସମୀକ୍ଷା | ସମସ୍ୟା ର ସମାଧାନର ସେମାନେ ଅଧିକ ତଥ୍ୟ କେଉଁଠାରୁ ପାଇଲେ । ସେମାନେ ସମସ୍ୟା ସମାଧାନର ପାଇଁ ତଥ୍ୟ ସମ୍ବାଦପତ୍ର, ଇ□ରନେଟ ଓ ଅନ୍ୟାନ୍ୟ ସହାୟକ ପୁସ୍ତକ ର ସହାୟତା ନେଇ ଛନ୍ତି ? | ୧୦ ମାର୍କ | ୧୦ ମାର୍କ |

| | | | | |
|---|---|---|---|---|
| ୬ | ତଥ୍ୟ ସଂଗ୍ରହ ପାଇଁ ପଦ୍ଧତି | ଛାତ୍ରଛାତ୍ରୀମାନେ କିପରି ପ୍ରତ୍ୟକ୍ଷ/ପ୍ରାଥମିକ ସୂଚନା ସଂଗ୍ରହ କରୁଛନ୍ତି ? ପ୍ରଭାବିତ ଗୋଷ୍ଠୀ/ସଦସ୍ୟ/ଶିକ୍ଷକଙ୍କ ସହ କଥା ବାର୍ତ୍ତା କରି, ପକ୍ଷୀ/ଉଦ୍ଭିଦ/ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ସିଧାସଳଖ ଦେଖି ତଥ୍ୟ ସଂଗ୍ରହ କରିଛନ୍ତି କି ? | ୧୦ ମାର୍କ | ୧୦ ମାର୍କ |
| ୭ | ତଥ୍ୟ ବିଶ୍ଳେଷଣ | ସାକ୍ଷାତକାର କିମ୍ବା ସର୍ବେକ୍ଷଣ କିମ୍ବା ଡାଏରୀ ରକ୍ଷଣାବେକ୍ଷଣ ଠିକ ଭାବରେ କରିଛନ୍ତିକି ? ଛାତ୍ରଛାତ୍ରୀମାନେ ପ୍ରକଳ୍ପ ବିଷୟରେ ସୂଚନା ସବୁ ଉଲ୍ଲେଖ କରି ତାକୁ ବିଶ୍ଳେଷଣ କରିଛନ୍ତି ? | ୧୦ ମାର୍କ | ୧୦ ମାର୍କ |
| | | ମୋଟ | ୫୦ ମାର୍କ | ୫୦ ମାର୍କ |
| | | | **୧୦୦ ମାର୍କ** | |

ଏହିଭଳି ୧୦୦ ମାର୍କ ରୁ ମୂଲ୍ୟାୟନ କରି ୨୦ରୁ କେତେ ହେବ ତାହା ନିର୍ଣ୍ଣୟ କରି ଶିକ୍ଷକ ଚୁଡାନ୍ତ ମାର୍କ ଦେବେ ଓ ଗଠନମୂଳକ ମତାମତ ଦେବେ ।

## ବାର୍ଷିକ ପରୀକ୍ଷା: ଚୂଡ଼ାନ୍ତ ପ୍ରକଳ୍ପ ଦାଖଲ

୧. **ମୋ ପ୍ରକଳ୍ପ ଖାତା :** ଛାତ୍ରଛାତ୍ରୀମାନେ ବର୍ଷ ତମାମ ନିଜ ପ୍ରକଳ୍ପ ଉପରେ କାମ କରୁଛନ୍ତି। ସେମାନେ ତାକୁ ଏକ ସଂକ୍ଷିପ୍ତ ପ୍ରକଳ୍ପ ନୋଟ୍ ପ୍ରସ୍ତୁତ କରିବେ । **ପ୍ରକଳ୍ପ ନୋଟ୍** କୁ ହାତ ଲେଖା, ଟାଇପ୍ କିମ୍ବା ପିପିଟି ଆକାରରେ ଉପସ୍ଥାପିତ କରାଯାଇପାରିବ । ଯଦି ସେମାନେ ଅଧିକ ଫଟୋ କିମ୍ବା ବିଷୟବସ୍ତୁ ଯୋଡିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ଉତ୍ସାହିତ କରାଯାଇପାରିବ।

| କ୍ରନଂ | କ'ଣ ଦେଖିବେ | ମାର୍କ |
|---|---|---|
| ୧ | Cover page | ୩ ମାର୍କ |
| ୨ | ସୂଚୀପତ୍ର | ୨ ମାର୍କ |
| ୩ | ନାମାଙ୍କିତ ଚିତ୍ର | ୫ ମାର୍କ |
| ୪ | ସ୍ୱଷ୍ଟ ଓ ସୁନ୍ଦର ହସ୍ତାକ୍ଷର | ୫ ମାର୍କ |
| ୫ | ବିଷୟବସ୍ତୁ | ୧୦ ମାର୍କ |
| | **ମୋଟ** | **୨୫ ମାର୍କ** |

୨. **ଉପସ୍ଥାପନା-** ଛାତ୍ରଛାତ୍ରୀମାନେ ନିଜ ପ୍ରକଳ୍ପକୁ ପ୍ରଥମେ ନିଜ ଦଳରେ ଓ ପରେ ବ୍ୟକ୍ତିଗତ ଭାବେ ଉପସ୍ଥାପନ କରିବେ । ଦଳର ପ୍ରତ୍ୟେକ ସଦସ୍ୟ ଉପସ୍ଥାପନାରେ ଅଂଶଗ୍ରହଣ କରିବା ଆବଶ୍ୟକ । ଚୂଡ଼ାନ୍ତ ପ୍ରକଳ୍ପ ନିମ୍ନଲିଖିତ ଉପାୟରେ ଉପସ୍ଥାପିତ ହୋଇପାରେ ।

- ନୋଟ୍ସ ଏବଂ ରେକର୍ଡ ଯଥା ପକ୍ଷୀ ଡାଏରୀ/ ଗଛ ଡାଏରୀ
- ଉପସ୍ଥାପନା (ପିପିଟି)
- ରୋଲ୍ ପ୍ଲେ
- କାର୍ଯ୍ୟକାରୀ/ଅଣ-କାର୍ଯ୍ୟକାରୀ ମଡେଲ
- ସ୍କେଚ୍/ଷ୍ଟୋରୀବୋର୍ଡ
- କାହାଣୀ
- ଦଳଗତ ଆଲୋଚନା
- ବିତର୍କ ଇତ୍ୟାଦି

ତାକୁ ବୁଝିହେଲା ଭଳି ଏକ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରି ପ୍ରଦାନ କରିବେ । ଉପସ୍ଥାପନାର ମୂଲ୍ୟାୟନ ପାଇଁ ଶିକ୍ଷକ ନିମ୍ନଲିଖିତ ତଥ୍ୟ ଗୁଡିକୁ ଯାଞ୍ଚ କରିବେ:

| କ୍ରନଂ | ସୋପାନ | କ'ଣ ଦେଖିବେ | ମାର୍କ | |
|---|---|---|---|---|
| ୧ | ଫଳାଫଳ ଅଧ୍ୟୟନ | ଚୟନ କରିଥିବା ପ୍ରକଳ୍ପ ବିଷୟରେ ସେମାନେ କେଉଁ ନୂତନ ତଥ୍ୟ ପାଇଲେ ? ସେମାନେ ସେମାନଙ୍କ ମଡେଲ / ରୋଲପ୍ଲେ / ଉପସ୍ଥାପନା ଇତ୍ୟାଦି ମାଧ୍ୟମରେ ସମାଧାନ / ଧାରଣା ବିଷୟରେ କ'ଣ ଶିଖିଲେ ? ତାହା ସମସ୍ୟାର ସମାଧାନ କରିପାରୁଛି କି ? | ୨୦ ମାର୍କ | **ଉପସ୍ଥାପନା କୌଶଳ, ଦକ୍ଷତା, ଶବ୍ଦ ଉଚ୍ଚାରଣ ଶୈଳୀ, ସ୍ୱଚ୍ଛତା ଓ ଆତ୍ମ ବିଶ୍ୱାସ କୁ ଆଧାର କରି ମାର୍କ ଦେବେ ।** |
| ୨ | ସୀମିତତା | ସେମାନଙ୍କ ପ୍ରକଳ୍ପର ସୀମିତତା କ'ଣ ? ଯଦି ସେମାନଙ୍କୁ ସମାନ ବିଷୟ ଦିଆଯାଇଥାନ୍ତା ଏବଂ ଅଧିକ ସମୟ କିମ୍ବା ସାମଗ୍ରୀ / ଉପକରଣ/ ସୁଯୋଗ ଦିଆ ଯାଇଥାଆନ୍ତା ଆଉ ଅଧିକ କ'ଣ କରିପାରିଥାନ୍ତେ ? | ୧୦ ମାର୍କ | |
| ୩ | ସିଦ୍ଧାନ୍ତ | ପ୍ରକଳ୍ପରୁ ତୁମେ କଣ ପାଇଲ (ସଂକ୍ଷିପ୍ତ ନିଷ୍କତି) | ୨୦ ମାର୍କ | |
| | | **ମୋଟ** | ୫୦ ମାର୍କ | |

୩. ମୌଖିକ – ଶିକ୍ଷକ ପ୍ରକଳ୍ପ ଆଧାରିତ କେତେକ ମୌଖିକ ପ୍ରଶ୍ନ ପଚାରିବେ ଓ ଶିକ୍ଷାର୍ଥୀ ଦେଇଥିବା ଉତ୍ତର ମଧ୍ୟରୁ ୫ଟି ସଠିକ ଉତ୍ତର କୁ ମୂଲ୍ୟାୟନ କରିବେ । (୨୫ ମାର୍କ)

ଏହିଭଳି ମୋଟ ୧୦୦ ମାର୍କ (ମୋ ପ୍ରକଳ୍ପ ଖାତା-୨୫ମାର୍କ, ଉପସ୍ଥାପନା-୫୦ ମାର୍କ ଓ ମୌଖିକ ୨୫ ମାର୍କ) ର ମୂଲ୍ୟାୟନ କରି ୨୦ରୁ କେତେ ହେବ ତାହା ନିର୍ଣ୍ଣୟ କରି ଚୁଡାନ୍ତ ମାର୍କ ଦେବେ ।